୧. ଘରର ବାକି ଜାଗାକୁ ପୋଛିବା ପାଇଁ ଆଉ ଗୋଟେ ବର୍ତ୍ତନରେ ସାବୁନ୍ ପାଣି ଓ ଓଦାକପଡା ରୋଷେଇ ଘରର ବାହାରେ ରଖାଯାଇଥିଲା । ଏସବୁର ଦାୟିତ୍ୱ ଥିଲା ସୋନୁ ଉପରେ ।

୨. ଦିନରେ ଦୁଇଥର ସ୍ମିତା ଏକ ବାଲ୍ଟିରେ କିଛି ବ୍ଲିଚିଂ ପାଉଡର ଓ ଡେଟଲ୍ ପକାଇ ଘରକୁ ଭଲଭାବେ ସଫା କରୁଥିଲା । ଘରର ଚଟାଣ ସହିତ ଟେବୁଲ୍ ଓ ଚେୟାରକୁ ବି ସଫା କରୁଥିଲା ।

୩. ସମସ୍ତଙ୍କ ପାଇଁ ଅଲଗା ଅଲଗା ତଉଲିଆ ଥିଲା ଯାହା ସବୁଦିନ ଖରାରେ ଶୁଖା ଯାଉଥିଲା । ଜେଜେଙ୍କ କପଡ଼ା କିଭଳି ଭଲଭାବେ ଧୁଆ ହୋଇ ଶୁଖା ହେବ ସେ ଦାୟିତ୍ୱ ରେବତୀ ନେଇଥିଲେ ।

୪. ସ୍ମିତା ସମସ୍ତଙ୍କ ପାଇଁ କପଡ଼ାର ମାସ୍କ ବା ମୁଖା ତିଆରି କରିଥିଲା । ଯେତେବେଳେ ସେମାନେ ଜେଜେଙ୍କ କିଛି କାମ କରୁଥିଲେ ସେତେବେଳେ ଏ ସବୁକୁ ବ୍ୟବହାର କରୁଥିଲେ।

ରେବତୀ ଦୀର୍ଘ ନିଶ୍ୱାସ ନେଇ ଭାବିଲା ଏଇଟା ଏକ ଖରାପ ସମୟ, କିନ୍ତୁ ସେ ପୂର୍ଣ୍ଣ ପ୍ରସ୍ତୁତ । ଯଦି ସେ ଓ ରାମଦାସ କିଛି ଉପାର୍ଜନ କରି ପାରୁଥାନ୍ତେ ସେ ସ୍ଥିତି କୁ ଉତ୍ତମ ରୁପେ ରେ ପରିଚାଳନା କରିପାରିଥାନ୍ତେ ।

ଏହି କାହାଣୀଗୁଡିକ ସାଧାରଣ ଦୃଶ୍ୟକୁ ଚିତ୍ରଣ କରିବା ଏବଂ ଆମେ ପ୍ରଦାନ କରୁଥିବା ସୂଚନାକୁ ପ୍ରସଙ୍ଗଭିତ୍ତିକ କରିବା ପାଇଁ ଉଦ୍ଦିଷ୍ଟ ଅଟେ। ଏହା ନିଶ୍ଚିତ ରୂପେ ବିଷୟବସ୍ତୁକୁ ସରଳ କରିଥାଏ | ବୈଜ୍ଞାନିକ ସଠିକତା ପାଇବା ପାଇଁ ୱେବସାଇଟରେ ଥିବା ଦସ୍ତାବିଜ ଗୁଡିକୁ ଧ୍ୟାନ ଦେଇ ପଢନ୍ତୁ |

